# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 February - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ବଜେଟ୍ ଅଧିବେଶନ ପୂର୍ବରୁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ

- କନିଷ୍ଠ ସ୍କେମାଟିକ ଶିକ୍ଷକମାନଙ୍କର ମାସିକ ଦରମା ୧୬ ହଜାର ଟଙ୍କାକୁ ବୃଦ୍ଧି କଲେ ରାଜ୍ୟ ସରକାର

- ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ସରକାର ସାଢ଼େ ୩ କୋଟି ଲୋକଙ୍କୁ ସାମିଲ କରିବା ପାଇଁ ରଖିଛନ୍ତି ଲକ୍ଷ୍ୟ

ଏବଂ

- ପୁରୀ ଶ୍ରୀମନ୍ଦରିରେ ମାଘ ପୂର୍ଣ୍ଣିମା ତିଥିରେ ଆଉ କିଛି ସମୟପରେ ଶ୍ରୀଜୀଉମାନେ ଗଜ ଉଦ୍ଧାରଣ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦେବେ ଦର୍ଶନ

# ସର୍ବଦଳୀୟ ବୈଠକ

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହା ପୂର୍ବରୁ ଆଜି ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ବୈଠକରେ ବାଚସ୍ପତି ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରି ମତାମତ ଓ ସହଯୋଗ ଲୋଡ଼ିଛନ୍ତି।

**- V/O -**

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ ପ୍ରମୁଖ ଉପସ୍ଥିତ ଥିଲେ। ବିଧାନସଭା କାର୍ଯ୍ୟବିଧି, ପରିଚାଳନା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିବା ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି।

ଆଜି ଅପରାହ୍ନରେ ପୃଥକ ପୃଥକ ଭାବେ ବିଭିନ୍ନ ଦଳର ବିଧାୟକ ମାନଙ୍କର ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ବିଧାନସଭାର କାର୍ଯ୍ୟକୁ କାଗଜ ମୁକ୍ତ କରିବା ପାଇଁ ବିଧାୟକମାନଙ୍କ ଆସନ ସମ୍ମୁଖରେ କମ୍ପ୍ୟୁଟର ଟ୍ୟାବ୍‌ର ବ୍ୟବସ୍ଥା କରାଯାଇଛି। ବିଧାନସଭାର ପ୍ରଶ୍ନୋତ୍ତର

କାର୍ଯ୍ୟରୁ ଆରମ୍ଭ କରି ସମସ୍ତ ଉପସ୍ଥାପନା ଏହି ଟ୍ୟାବ ଦ୍ୱାରା ସମ୍ପାଦିତ ହେବ।

ବଜେଟ୍ ଅଧିବେଶନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି। ଆସନ୍ତାକାଲି ବଜେଟ୍ ଅଧିବେଶନର ପ୍ରଥମଦିନରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଅଧିବେଶନର କାର୍ଯ୍ୟ ଆରମ୍ଭ ହେବ।

ସୂଚନାଯୋଗ୍ୟ, ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ। ଆସନ୍ତାକାଲିଠାରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ ମାସ ୭ରୁ ଏପ୍ରିଲ ମାସ ୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ ହେବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ଏହି ଅଧିବେଶନରେ ୨୮ଟି କାର୍ଯ୍ୟ ଦିବସ ରହିଛି।

***Desk***

# ଆୟୁଷ୍ମାନ ଭାରତ

ରାଜ୍ୟରେ ଖୁବ୍‌ଶୀଘ୍ର ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ଲାଗୁ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଏହି ଦୁଇ ଯୋଜନା ଲାଗୁ କରିବା ପାଇଁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ

ପର୍ଯ୍ୟାୟରେ ପହଁଞ୍ଛି। ସରକାର ଧାର୍ଯ୍ୟ କରିଥିବା ସମୟସୀମା ମଧ୍ୟରେ ଏହି ଦୁଇ ଯୋଜନା ଲାଗୁ କରାଯିବ। ଯୋଜନାର ହିତାଧିକାରୀମାନଙ୍କୁ ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବ । ପ୍ରଥମ ପର୍ଯ୍ୟାୟରେ ସାଢ଼େ ୩ କୋଟି ଲୋକଙ୍କୁ ଯୋଜନାରେ ସାମିଲ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

**- V/O –**

***Desk***

## କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି

ରାଜ୍ୟ ସରକାର କନିଷ୍ଠ ସ୍କେମାଟିକ ଶିକ୍ଷକଙ୍କ ଦରମା ମାସିକ ୧୧ ହଜାରରୁ ୧୬ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।ସମଗ୍ର ଶିକ୍ଷା ଯୋଜନା ଅନୁସାରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ଦରମା ଆଜିଠାରୁ ବୃଦ୍ଧି କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

***Desk***

# ମାଟ୍ରିକ ପରୀକ୍ଷା

ଯୁକ୍ତ ଦୁଇ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ। ସମସ୍ତ ପରୀକ୍ଷାକେନ୍ଦ୍ରକୁ ଆଜିଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ପଠାଯାଇଛି। ଚଳିତ ବର୍ଷ ମୋଟ୍ ୨୦୫ଟି ପରୀକ୍ଷାକେନ୍ଦ୍ରରେ ୩ ଲକ୍ଷ ୯୩ ହଜାର ୬୧୮ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଆଜି ଦକ୍ଷିଣ ଓ ପଶ୍ଚିମ

ଓଡ଼ିଶା ଅଧୀନରେ ଆସୁଥିବା ସମସ୍ତ ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଇଥିବା ସୂଚନା ମିଳିଛି। ସେହିପରି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆସନ୍ତା ୨୧ତାରିଖରୁ ଆରମ୍ଭ ହେବାକୁଥିବା ମାଟ୍ରିକ ପରୀକ୍ଷା ପାଇଁ ଆଜିଠାରୁ ନୋଡାଲ କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପଠାଯିବ । ଚଳିତବର୍ଷ ପ୍ରଶ୍ନପତ୍ର ପ୍ରଘଟ ରୋକିବା ପାଇଁ ସ୍ୱତନ୍ତ୍ର ସିରିଏଲ୍ ନମ୍ବର ରଖାଯାଇଛି।

ସୂଚନା ଅନୁଯାୟୀ, ଚାରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ସହ ମୋଟ୍ ୧୭୨ଟି ଟିମ୍ ଏଥିପାଇଁ ଗଠନ କରାଯାଇଛି। ଚଳିତବର୍ଷ ୩୦ଟି ଜିଲ୍ଲାର ୩ ହଜାର ୨୯ଟି ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୨୦ହଜାର ୬୪୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

***Puri***

## ଶ୍ରୀଜୀଉଙ୍କ ବେଶ

ପୁରୀ ଶ୍ରୀମନ୍ଦିରରେ ମାଘ ପୂର୍ଣ୍ଣିମା ଅବସରରେ ଆଜି ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପ ଶେଷ ହେବା ପରେ ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କ ଏହି ବେଶ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

ପୌରାଣିକ ତଥ୍ୟ ଅନୁସାରେ, ବରୁଣ ହ୍ରଦରେ ଗଜରାଜ ସ୍ନାନ କରୁଥିବା ସମୟରେ କୁମ୍ଭୀର ଆକ୍ରମଣରୁ ଉଦ୍ଧାର ପାଇଁ ପୁରୁଷୋତ୍ତମ

ଭଗବାନଙ୍କୁ ପ୍ରାର୍ଥନା ପରେ ଆକ୍ରମଣରୁ ରକ୍ଷା ପାଇଥିଲେ। ସେହିଦିନଠାରୁ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଆସୁଛି। ଏହି ବେଶରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଚର୍ତୁହସ୍ତ ଓ ସୁଭଦ୍ରା ଦ୍ୱିଭୁଜ ରୂପେ ପୂଜା ପାଇଥାନ୍ତି।

ମାଘ ପୂର୍ଣ୍ଣମୀକୁ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଅଗିରା ପୂର୍ଣ୍ଣମୀ ଭାବେ ପାଳନ କରାଯାଉଛି । ଆଜିର ଦିନରେ ଅଗ୍ନିଦେବତାଙ୍କ ପୂଜା କରିବାର ବିଧି ରହିଛି ।

***Desk***

## ମହାକୁମ୍ଭ

ପ୍ରୟାଗରାଜ ମହାକୁ ମ୍ଭ ମେଳାରେ ଆଜି ମାଘ ପୂର୍ଣ୍ଣିମା ସ୍ନାନ ଚାଲିଛି । କଳ୍ପବାସ ରିତିନୀତି ପାଳନ କରୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏହି ସ୍ନାନର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି । ପରମ୍ପରା ଅନୁଯାୟୀ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରୟାଗରାଜ ଠାରେ ସଙ୍ଗମରେ କଳ୍ପବାସ ରୀତିନୀତି ପାଳନ କରିବା ଦ୍ୱାରା ବହୁବର୍ଷ ତପସ୍ୟାର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଚଳିତ ବର୍ଷ ୧୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ କଳ୍ପବାସ ନୀତି ପାଳନ କରିଛନ୍ତି । ଆଜିର ସ୍ନାନ ପାଇଁ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ସ୍ୱତବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗତମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳାରେ ଏ ପର୍ଯ୍ୟନ୍ତ ୪୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଲେଣି ବୋଲି ଆମ ସ ମ୍ବାଦଦାତା ସୂଚନା ଦେଇଛନ୍ତି ।

*Nayagarh*

## ସଡ଼କ ଦୁର୍ଘଟଣା

ନୟାଗଡ଼ ଜିଲ୍ଲା ଇଟାମାଟି ବଜାର ଛକରେ ଟ୍ରକ ଏବଂ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି । ପୁଲିସ୍ ଘଟଣାସ୍ଥଳରେ ପହଁଞ୍ଚି ଦୁର୍ଘଟଣାରେ ଆହତ ହୋଇଥିବା ଲୋକମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

*BHK*

## ଚାଷୀ ସଚେତନତା

ଭଦ୍ରକ ଜିଲ୍ଲା ମୁସ୍ତାଫାପୁର ପଞ୍ଚାୟତ ଦୋବୋଲଠାରେ ଚାଷୀ ସଚେତନତା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷି ଅଧିକାରୀମାନେ ଯୋଗଦେଇ ବିଭିନ୍ନ ତୈଳବୀଜ ଫସଲ ଚାଷ, ଅର୍ଥନୈତିକ ଅଭିବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ଶତାଧିକ ଚାଷୀମାନେ ଯୋଗ ଦେଇଥିଲେ ।

*Desk*

## ସନ୍ତାନ ଜନ୍ମ ସହାୟତା

ରାଜ୍ୟରେ ମମତା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ କରାଯିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିରେ କନ୍ୟା ସନ୍ତାନ ଜନ୍ମ କ୍ଷେତ୍ରରେ ଗର୍ଭବତୀଙ୍କୁ ବର୍ଷକୁ ୧୨ ହଜାର ଟଙ୍କା, ପୁତ୍ର ସନ୍ତାନ ଜନ୍ମ କ୍ଷେତ୍ରରେ ୧୦ ହଜାର ଟଙ୍କା

ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସର୍ବାଧିକ ୨ଟି ସନ୍ତାନ ଜନ୍ମ କ୍ଷେତ୍ରରେ ଏହି ସହାୟତା ଲାଗୁ ହେବ। ପୂର୍ବରୁ କନ୍ୟା ସନ୍ତାନ ଜନ୍ମ ପାଇଁ ୧୦ ହଜାର ଟଙ୍କା ଦିଆଯାଉଥିଲା । କନ୍ୟା ସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।